# ପକକ୍ ଶଶୁମେଳା – ୨ୟ ଦିବସ

## କୁନ କୁନ ପଲାଙ୍କ କଣ୍ଠରେ ପରବେଶ, ପ୍ଲାଷ୍ଟିକ, ସ୍ୱଚ୍ଛତା, ଦେଶପ୍ରେମ ଆଦ ଉପରେ ସଚେତନତା ର ବାର୍ତ୍ତା

ପିପୁଲସ୍ କଲ୍ଚରାଲ ସେଣ୍ଟର (ପିକକ୍) ପକ୍ଷରୁ ଏକାମ୍ର ହାଟରେ ଚାଲିଥିବା ସାତଦିନ ବ୍ୟାପୀ ଶିଶୁମେଳାର ଏହା ଥିଲା ଦ୍ୱିତୀୟ ଦିବସ । ଦ୍ୱିତୀୟ ଦିନ ଅପରାହ୍ନରେ ବେବି ଅଫ୍ ଦ ଇୟର ଓ ସନ୍ଧ୍ୟାରେ ପିଲାମାନଙ୍କ ଦ୍ୱାରା ଆବୃତି ପ୍ରତିଯୋଗିତା ର ଆୟୋଜନ ହୋଇଥିଲା । କୁନିକୁନି ପିଲାଙ୍କ ମଧ୍ୟରେ ଅୟୋଜିତ ଏହି ଶିଶୁମେଳାର ଆକର୍ଷଣ ଥିଲା ବେବି ଅଫ୍ ଦ ଇୟର ପ୍ରତିଯୋଗିତା । ଏଥିରେ ଡାକ୍ତର ପୁରୁଣିମା ପ୍ରଧାନ, ମହିଳା ଓ ଶିଶୁ ବିକାଶ ବିଭାଗ ର ପରମର୍ଶଦାତ୍ରୀ ମଧୁମିତା ଦାସ, ସମାଜସେବୀ ସୁମିତ୍ରା ତ୍ରିପାଠୀ, ସିନ୍ଧୁଜା ପତ୍ରିକା୯ ସମ୍ପାଦିକା ଶର୍ମିଳା ସାହୁ, ସମାଜସେବୀ ପ୍ରବୀଣା ତ୍ରିପାଠୀ ଏବଂ କଣ୍ଠଶିଳ୍ପୀ ବନ୍ଦିତା ଦା୧, ହେଲ୍ପ ଏଜ ଇଣ୍ଡିଆ ର ଭାରତି ଚକ୍ର ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କୁ ଉତ୍ସାହିତ କରିବା ସହିତ ପିଲାମାନଙ୍କ ପାଇଁ ସୁରକ୍ଷିତ ପରିବେଶ ନିମନ୍ତେ ସମସ୍ତଙ୍କର ସହଯୋଗ ରହିବା ଆବଶ୍ୟକ ବୋଲି ମତ ରଖିଥିଲେ । ପିକକ୍ ଶିଶୁମେଳା କମିଟିର ଅଧକ୍ଷ ଶ୍ରୀଯୁକ୍ତ ପ୍ରଦୋଷ କୁମାର ପଟ୍ଟନାୟକ, ସମ୍ପାଦକ ରଞ୍ଜନ ମହାନ୍ତି, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । କୁନି କୁନି ପିଲାମାନେ ପରିବେଶ, ପ୍ଲାଷ୍ଟିକ, ସ୍ୱଚ୍ଛତା, ଦେଶପ୍ରେମ ଆଦି ଉପରେ ଆଧାରିତ କବିତା ଆବୃତି କରିଥିଲେ । ଏହି କାର୍ଯ୍ୟକ୍ରମ କୁ ଶ୍ରୀନିବାଶ ଘଟୁଆରୀ ସଂଯୋଜନା କରିଥିଲେ । ପିକକ୍ ର ରତ୍ନା ଦାଶ, ପ୍ରଶାନ୍ତ କୁମାର ମଲ୍ଲିକ, ଗଣେଶ୍ୱର ସିଂ, ଡାଃ ସୁମିତ୍ରା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସନ୍ଧ୍ୟାରେ କେଟିଟି ଗ୍ରୁପ, ପର୍ଲ୍ଲୀ ଇଣ୍ଟରନ୍ୟାସନାଲ୍ ଗ୍ରୁପ, ଶ୍ରୀମୟୀ ଗ୍ରୁପ ଓ ସାଇନିଙ୍ଗ ଷ୍ଟାର ଗ୍ରୁପ ମାନଙ୍କର ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ।

**ପିକକ୍ ଶିଶୁମେଳା ତୃତୀୟ ଦିବସ ତା ୧୬. ୧୧. ୨୦୧୯ ରିଖ କାର୍ଯ୍ୟସୂଚୀ ସ୍ଥାନ – ଏକାମ୍ର ହାଟ ଅମ୍ଫିଥିଏଟର**

ସନ୍ଧ୍ୟା ୫. ୦୦ ଘଟିକା – ଆଧୁନିକ ନୃତ୍ୟ ପ୍ରତିଯୋଗିତା

ସନ୍ଧ୍ୟା ୭. ୦୦ ଘଟିକା - ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପୁରସ୍କାର ବିତରଣ ଉତ୍ସବ